# ବାଣିପଦାରେ ସ୍ୱାସ୍ଥ୍ୟସେବା ଶିବିର




ଚୌଦ୍ୱାର, ୧୪।୩(ନି.ପ୍ର)- ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍‌ର ପ୍ରତିଷ୍ଠା ଦିବସ ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣିପଦା ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି । ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରକୁ ଇମ୍ଫାର ବରିଷ୍ଠ ଉପ ସଭାପତି ବିଜୟାନନ୍ଦ ମହାପାତ୍ର ଉଦ୍‌ଘାଟନ କରିଥିଲେ । ଡା. ସଂଜୟ ସାହୁ (ଭେଷଜ), ଡା. ବିଶ୍ୱଜିତ ସାହୁ (ଅସ୍ଥି ଶଲ୍ୟ), ଡା. ପୀତାମ୍ବର ରାଉତରାୟ, ଡା. ଦୀପକ କୁମାର ସାହୁ ପ୍ରମୁଖ ଶିବିରରେ ୫୧୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଫାଉଣ୍ଡେସନ୍ ତରଫରୁ ରୋଗୀ ମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ଅମରେନ୍ଦ୍ର ଚୌଧୁରୀ ଓ ଅମାରେଶ ନାଥ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନରେ ସହଯୋଗ କରିଥିଲେ । ଇମ୍ଫାର ଜି.ଏମ୍, ଅଜୟ କୁମାର ମିଶ୍ର, ସଂଜୀବ ପୃଷ୍ଟି, ରାମଚନ୍ଦ୍ର ନାୟକ, ଆଶୀଷ ଦାସ, ଶ୍ରୀକାନ୍ତ ଉପାଧ୍ୟାୟ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ । ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ଓ ମାନସ ରଞ୍ଜନ ପ୍ରଧାନ ଶିବିର ପରିଚାଳନା କରିଥିଲେ । ବାଣିପଦା ପଞ୍ଚାୟତର ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ବିଦୁର ପ୍ରଧାନ, ରଞ୍ଜନ କୁମାର ରାଉତ, ଅକ୍ଷୟ ସାମଲ, ପବିତ୍ର ରାଉତ ଓ ‘ଲ’ର ସଦସ୍ୟ ସହଯୋଗ କରିଥିଲେ ।